# ପାଠ୍ୟକ୍ରମ

## (SYLLABUS)

### ସ୍ନାତକୋତ୍ତର ଓଡ଼ିଆ ପାଠ୍ୟକ୍ରମ

### ସ୍ନାତକୋତ୍ତର ଓଡ଼ିଆ ବିଭାଗ

### ଇଚ୍ଛାଭିତ୍ତିକ ସମ୍ମାନ ପଦ୍ଧତି ସ୍ଥାନାନ୍ତରଣ

### (Choice Based Credit Transfer)

### ୨୦୨୩-୨୦୨୫


ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

ଭଞ୍ଜବିହାର

ବ୍ରହ୍ମପୁର -୭୬୦୦୦୭, ଗଞ୍ଜାମ, ଓଡ଼ିଶା

**ABSTRACT OF THE SYLLABUS UNDER CBCT PATTERN FOR M.A. ODIA COURSES, B.U**

## Semester - I

| | No. of Credit | **Marks**<br>100 (80 End Semester + 20 Internal Assessments) |
|---|---|---|
| ODIA C 101 | 4 | ଭାରତୀୟ ସାହିତ୍ୟ (Bharatiya Sahitya) |
| ODIA C 102 | 4 | ଭାରତୀୟ ସାହିତ୍ୟ ତତ୍ତ୍ୱ (Bharatiya Sahitya Tatwa) |
| ODIA C 103 | 4 | ପାଶ୍ଚାତ୍ୟ ସାହିତ୍ୟ ତତ୍ତ୍ୱ (Paschayatya Sahitya Tatwa) |
| ODIA C 104 | 4 | ଭାଷାବିଜ୍ଞାନ (BhasaBigyana) |
| ODIA C 105 | 4 | ପ୍ରାଚୀନ ଓଡ଼ିଆ ସାହିତ୍ୟ: ପୁରାଣ ଓ ଗଦ୍ୟ (Prachina OdiaSahitya: Purana O Gadya) |
| **Semester – II** | | |
| ODIA C 201 | 4 | ଆଧୁନିକ ଓଡ଼ିଆ ସାହିତ୍ୟର ଆଦ୍ୟପର୍ବ-୧୯୪୭ ପର୍ଯ୍ୟନ୍ତ (Adhunika Odia sahityara Adyaparba- upto 1947) (ଉପନ୍ୟାସ, କ୍ଷୁଦ୍ରଗଳ୍ପ, କାବ୍ୟ, କବିତା, ପ୍ରବନ୍ଧ) |
| ODIA C 202 | 4 | ମଧ୍ୟଯୁଗୀୟ ଓଡ଼ିଆ ସାହିତ୍ୟ: କାବ୍ୟ ଓ ଗଦ୍ୟ<br>(Madhyajugiya OdiaSahitya: Kabya O Gadya) |
| ODIA C 203 | 4 | ଓଡ଼ିଆ ଲୋକ ସାହିତ୍ୟ (Odia LokaSahitya) |
| ODIA C 204 | 4 | ଓଡ଼ିଆ ଭାଷା ତତ୍ତ୍ୱ(Odia Bhasatatwa) |
| ODIA C 205 | 4 | ଅଭିଧାନ ବିଜ୍ଞାନ(Abhidhan Bigyana) |
| ODIA VAC 206 | NON CREDIT | ସର୍ଜନଶୀଳ ସାହିତ୍ୟ (CREATIVE WRITINGS)<br>NON CREDIT VALUE ADDED COURSE |
| **Semester – III** | | |
| ODIA D 301<br>(Project and Dissertation) | 4 | ପାଠଚକ୍ର ଓ ନିବନ୍ଧ ପ୍ରସ୍ତୁତି (Seminar Presentation and Preparation of Dissertation) |
| ODIA C 302 | 4 | ଆଦିବାସୀ ସାହିତ୍ୟ ଓ ସଂସ୍କୃତି (Adibasi Sahitya O Sanskruti) |
| ODIA E 303 (Group-A) | 4 | A student is allowed to opt. for any one group from following 3 groups. ଛାତ୍ରଟିଏ ତୃତୀୟ ସେମିଷ୍ଟାରରେ ଯେଉଁ Groupରୁ ସ୍ୱତନ୍ତ୍ର ପତ୍ର ନେଇଥିବ ଚତୁର୍ଥ ସେମିଷ୍ଟାରରେ ତାହାକୁ ସେହି ନିର୍ଦ୍ଦିଷ୍ଟ Groupରୁ ସ୍ୱତନ୍ତ୍ରପତ୍ର ନେବାକୁ ହେବ ।<br>Group-A :ଲୋକ ସାହିତ୍ୟ(Loka Sahitya)ODIA E 303 & ODIA E 304<br>Group-B :ମଧ୍ୟଯୁଗୀୟ ସାହିତ୍ୟ(Madhyajugiya Sahitya) ODIA E 305 & ODIA 306<br>Group-C :ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ସାହିତ୍ୟ(Swadhinata Parabarti Odia Sahitya)<br>ODIA E 307 & ODIA 308 |
| ODIA E 304 (Group-A) | 4 | |
| ODIA E 305 (Group-B) | 4 | |
| ODIA E 306 (Group-B) | 4 | |
| ODIA E 307 (Group-C) | 4 | |
| ODIA E 308 (Group-C) | 4 | |
| ODIA CT 300 | 4 | ଓଡ଼ିଆ ସାହିତ୍ୟ ଚର୍ଚ୍ଚା (Odia Sahiyta Charchaa) |
| ODIA VAC 309 | NON CREDIT | ଓଡ଼ିଆ ସାହିତ୍ୟ ସମୀକ୍ଷା ଧାରା (Odia Sahitya Sameekshya Dharaa)<br>NON CREDIT VALUE ADDED COURSE |
| **Semester – IV** | | |
| ODIA C 401 | 4 | ଆଧୁନିକ ଓଡ଼ିଆ ସାହିତ୍ୟ ବିକାଶ ପର୍ବ (Adhunika Odia Sahitya Bikash Parba) |
| ODIA C 402 | 4 | ଭାରତୀୟ ସାହିତ୍ୟର ତୁଳନାତ୍ମକ ଅଧ୍ୟୟନ, ଅନୁବାଦ ଓ ସମ୍ପାଦନା କଳା(Bharatiya Sahityara Tulanatmaka Adhyayana,Anubaada O Sampaadanaa Kala) |
| ODIA C 403 | 4 | ଓଡ଼ିଶାର ପ୍ରଦର୍ଶନଶୀଳ କଳା (Odishara Pradarshanshila kala) |

<table>
<tr><td>ODIA E 404(Group-A)</td><td>4</td><td rowspan="6">A student is allowed to opt. for any one group from following 3 groups.<br>ଛାତ୍ରଟିଏ ତୃତୀୟ ସେମିଷ୍ଟାରରେ ଯେଉଁ Groupରୁ ସ୍ୱତନ୍ତ୍ର ପତ୍ର ନେଇଥିବ ଚତୁର୍ଥ ସେମିଷ୍ଟାରରେ ତାହାକୁ ସେହି ନିର୍ଦ୍ଦିଷ୍ଟ Groupରୁ ସ୍ୱତନ୍ତ୍ର ପତ୍ର ନେବାକୁ ହେବ ।<br>Group-A :ଲୋକ ସାହିତ୍ୟ(Loka Sahitya)ODIA E 404 & ODIA E 405<br>Group-B :ମଧ୍ୟଯୁଗୀୟ ସାହିତ୍ୟ(Madhyajugiya Sahitya) ODIA E 406 & ODIA 407<br>Group-C :ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ସାହିତ୍ୟ(Swadhinata Parabarti Odia Sahitya) ODIA E 408 & ODIA 409</td></tr>
<tr><td>ODIA E 405(Group-A)</td><td>4</td></tr>
<tr><td>ODIA E 406 (Group-B)</td><td>4</td></tr>
<tr><td>ODIA E 407 (Group-B)</td><td>4</td></tr>
<tr><td>ODIA E 408 (Group-C)</td><td>4</td></tr>
<tr><td>ODIA E 409 (Group-C)</td><td>4</td></tr>
<tr><td>ODIA AC 410</td><td>NON CREDIT</td><td>ଦକ୍ଷିଣ ଓଡ଼ିଶାର ସାଂସ୍କୃତିକ ବିଭବ (Cultural Heritage of South Odisha)<br>NON CREDIT ADD-ON-COURSE</td></tr>
</table>

| | | | |
|---|---|---|---|
| 1st Semester | 5 Papers | 20 Credit | 500 Marks |
| 2nd Semester | 5 Papers | 20 Credit | 500 Marks |
| 3rd Semester | 5 Papers | 20 Credit | 500 Marks |
| 4th Semester | 5 Papers | 20 Credit | 500 Marks |

**TOTAL: 80 Credit TOTAL: 2000 Marks**

## ପାଠ୍ୟକ୍ରମର ଆଭିମୁଖ୍ୟ

## Aim of the Program

• ଭାରତୀୟ ଭାଷା ସାହିତ୍ୟ ସହିତ ଓଡ଼ିଆଭାଷା ସାହିତ୍ୟର ବିବିଧ ବିଷୟରେ ବିଦ୍ୟାର୍ଥୀମାନଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନକରି ଏହାକୁ ବିଶ୍ୱସାହିତ୍ୟ ସହିତ ପରିଚିତ କରାଇବା ପ୍ରସ୍ତୁତ ପାଠ୍ୟକ୍ରମର ମୌଳିକ ଲକ୍ଷ୍ୟ(Aim) ଅଟେ ।

• ବୌଦ୍ଧିକ ଜ୍ଞାନ ଓ ଉନ୍ନତ ଚିନ୍ତାଚେତନାକୁ ଭିତ୍ତିକରି ଛାତ୍ରଛାତ୍ରୀମାନଙ୍କୁ ଜୀବନଜୀବିକା ମାର୍ଗ ପ୍ରଦର୍ଶନ କରାଇବା ଏହାର ଉଦ୍ଦେଶ୍ୟ ।

• ବିଦ୍ୟାର୍ଥୀମାନଙ୍କର ଲିଖନକଳାର ବିକାଶ, ବ୍ୟବହାରିକ ଓ ବ୍ୟାକରଣ ଜ୍ଞାନର ବିକାଶ ଦିଗରେ ଏହା ସହାୟକ ହେବ ।

•ପ୍ରାଚୀନ ଓ ସାଂପ୍ରତିକ କାଳରେ ରଚିତ ହେଉଥିବା ସାହିତ୍ୟ ମଧ୍ୟରେ ପ୍ରଭେଦ ଜାଣିବା ପାଇଁ ସଂସ୍କୃତ, ପାଲି, ପ୍ରାକୃତ ଓ ଅପଭ୍ରଂଶ ସାହିତ୍ୟ ଅଧ୍ୟୟନ ଉପରେ ପ୍ରାଧାନ୍ୟ ଦିଆଯାଇଛି ।

• ଏହି ପାଠ୍ୟକ୍ରମ ଦ୍ୱାରା ଭାରତୀୟ ସାହିତ୍ୟ ତତ୍ତ୍ୱ ସମ୍ବନ୍ଧରେ ଛାତ୍ରଛାତ୍ରୀମାନେ ସ୍ଥୂଳଧାରଣା ପାଇପାରିବେ ।

•ପାଶ୍ଚାତ୍ୟ ସାହିତ୍ୟ ତତ୍ତ୍ୱ କ୍ଷେତ୍ରରେ ସୁଖ୍ୟାତି ଅର୍ଜନ କରିଥିବା ପ୍ଲାଟୋ, ଆରିଷ୍ଟୋଟଲ ଆଦି ଯୋଗଜନ୍ମାଙ୍କର ମହନୀୟତା ବଳରେ କଳା ସୃଷ୍ଟିରେ ପ୍ରକୃତିର ଭୂମିକା ଓ କଳାନ୍ୱିତରୂପ, ଦାର୍ଶନିକ ଅନୁଚିନ୍ତା ସମ୍ବନ୍ଧରେ ଛାତ୍ରଛାତ୍ରୀମାନେ ଜ୍ଞାନ ଆହରଣ କରିପାରିବେ ।

• ଭାଷା ସମ୍ପର୍କିତ ନିୟମ ଭିତ୍ତିକ ଓ ତାତ୍ତ୍ୱିକ ଜ୍ଞାନସହିତ ବାଚିକ ଭାଷାର ଅଧ୍ୟୟନ ସମ୍ପର୍କରେ ଛାତ୍ରଛାତ୍ରୀ ଅବଗତ ହେବେ ।

• ପ୍ରାଚୀନ ପୁରାଣ, ଗଦ୍ୟ ସାହିତ୍ୟରେ ସାସ୍କୃତିକ ଓ ଧାର୍ମିକ ଆବେଦନ, ଆଧାତ୍ମିକ ପରମ୍ପରା ଓ ରୀତିନୀତି କିପରି ପ୍ରତିଫଳିତ ହୋଇଛି, ଏହା ବିଦ୍ୟାର୍ଥୀମାନେ ଜାଣିବାକୁ ପାଇବେ ।

• ଆଧୁନିକ ଓଡ଼ିଆ ସାହିତ୍ୟରେ ରୂପାୟିତ ହୋଇଥିବା ବହୁମୁଖୀନତାକୁ ଛାତ୍ରଛାତ୍ରୀମାନେ ଜାଣିବେ ।

• ମଧ୍ୟଯୁଗୀୟ ଓଡ଼ିଆ ସାହିତ୍ୟ ଅଧ୍ୟୟନ ଫଳରେ ସେକାଳ ସାହିତ୍ୟ ରଚନାରେ ରହିଥିବା ଚମତ୍କାରିତା, ଆଳଙ୍କାରିକତା ,ବର୍ଣ୍ଣନାଚାତୁରୀ, ଛନ୍ଦବିନ୍ୟାସ, ଶବ୍ଦପାଣ୍ଡିତ୍ୟ ଓ ଅଳଙ୍କାର ସଂଯୋଜନା ସମ୍ପର୍କରେ ଛାତ୍ରଛାତ୍ରୀ ଜ୍ଞାନଲାଭ କରିପାରିବେ ।

• ଲୋକ ସାହିତ୍ୟ ଅଧ୍ୟୟନ ଫଳରେ ସଂସ୍କୃତ ଗବେଷଣାର ବୈଜ୍ଞାନିକ ଅନୁଶୀଳନ, ଲୋକମାନସ ସିଦ୍ଧାନ୍ତ, ଐତିହାସିକ ବିଚାର, ତତ୍ତ୍ୱ, ପ୍ରକାର୍ଯ୍ୟ, ସଂରଚନା ବିଷୟରେ ଛାତ୍ରମାନେ ଜ୍ଞାନ ଲାଭ କରିପାରିବେ ।

• ସମ୍ପ୍ରତି ପ୍ରଶାସନ, ଆଇନ, ବାଣିଜ୍ୟ, ବ୍ୟବସାୟ, ରାଜନୀତି, ଶିକ୍ଷା, ଗ୍ରାମ, ସହରାଞ୍ଚଳ କଚେରି ଆଦି କ୍ଷେତ୍ରରେ ବ୍ୟବହୃତ ହେଉଥିବା ନୂଆନୂଆ ଶବ୍ଦର ଅର୍ଥ ତା'ର ବ୍ୟବହାର, ଇତିହାସ ଓ ଶୁଦ୍ଧାଶୁଦ୍ଧ ନିର୍ଣ୍ଣୟ ସମ୍ବନ୍ଧରେ ବିଦ୍ୟାର୍ଥୀମାନେ ଧାରଣା ପାଇପାରିବେ ।

• ଆଦିବାସୀ ସାହିତ୍ୟ ଓ ସଂସ୍କୃତିର ବିକାଶ ମୂଳରେ ହିଁ ନିହିତ ରହିଛି ମହନୀୟ ଉତ୍କଳୀୟ ସଂସ୍କୃତିର ବିକାଶ । ତେଣୁ ଆଦିବାସୀ ସଂସ୍କୃତି ଓ ସାମାଜିକ ବିବର୍ତ୍ତନ ସମ୍ପର୍କରେ ସେମାନେ ଜ୍ଞାନ ଆହରଣ ପାଇପାରିବେ ।

•ମଧ୍ୟଯୁଗୀୟ ଓଡ଼ିଆ ପୌରାଣିକ, କାଳ୍ପନିକ କାବ୍ୟମାନଙ୍କର ଆଦର୍ଶାବଳୀର ଅନୁଶୀଳନ, ସହିତ ମୁସଲମାନ, ମରହଟ୍ଟା ଶାସନର ସ୍ଥିତି ସମ୍ପର୍କରେ ସେମାନେ ଜ୍ଞାନ ଲାଭ କରିପାରିବେ ।

• ଲେଖକମାନଙ୍କର ଭ୍ରମଣଜନିତ ଅନୁଭବ ଓ ଅନୁଭୂତି ସହିତ ଭୌଗୋଳିକ ଏବଂ ଐତିହାସିକ କିମ୍ବଦନ୍ତୀ ସମ୍ପର୍କରେ ସେମାନେ ଧାରଣା ପାଇପାରିବେ।

• ଅଭିଧାନ ପ୍ରସ୍ତୁତି ସମ୍ପ୍ରତି ଭାଷା ସାହିତ୍ୟର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ, ଏ ଦିଗରେ ଛାତ୍ରଛାତ୍ରୀଙ୍କର ଜ୍ଞାନର ବିକାଶ ନିମିତ୍ତ ଏହି ଦିଗ ପ୍ରତି ଗୁରୁତ୍ୱ ଦିଆଯାଇପାରିବ ।

• ପ୍ରବନ୍ଧ ସାହିତ୍ୟ ଅଧ୍ୟୟନ ଦ୍ୱାରା ତଥ୍ୟ ଅନ୍ୱେଷଣର ସଂହତିପୂର୍ଣ୍ଣ ଗଦ୍ୟ ସମାବେଶକୁ ସେମାନେ ଜାଣିପାରିବେ ।

• ଓଡ଼ିଆ ନାଟକର କଥାବସ୍ତୁ, ଦୃଶ୍ୟ ସଂଯୋଜନା, ଚରିତ୍ର, ଦ୍ୱନ୍ଦ୍ୱ, ଉତ୍କଣ୍ଠା, ଐକତ୍ରୟୀ ଆଦି ବିଷୟରେ ନାଟକ ଓ ଏକାଙ୍କିକା ଅଧ୍ୟୟନରୁ ଜ୍ଞାତ ହେବେ ।

• ତୁଳନାତ୍ମକ ସାହିତ୍ୟ ହେଉଛି ସମ୍ପ୍ରତି ଏକ ଆହ୍ୱାନକାରୀ ପ୍ରସଙ୍ଗ । ଏହା ଆମକୁ ବିଶ୍ୱସାହିତ୍ୟ ସହିତ ଯୋଡ଼ିବାରେ ସହାୟକ ହେବ । ଏହାଦ୍ୱାରା ଦେଶଦେଶ, ଜାତିଜାତି, ସଂସ୍କୃତି, ସାହିତ୍ୟ ମଧ୍ୟରେ ଭାବଗତ ସାମ୍ୟ ରହିପାରିବ । ବିଦ୍ୟାର୍ଥୀମାନେ ଏହାକୁ ଜାଣିବାକୁ ପାଇବେ ।

• ଓଡ଼ିଶାରେ ପ୍ରଦର୍ଶିତ ହେଉଥିବା ପାଲା, ଦାସକାଠି, ଭାରତଲୀଳା, ମୋଗଲତାମସା, ଦଣ୍ଡନାଟ, ଛଉନାଚ, ଚଇତି ଘୋଡ଼ାନାଟ, ସଖୀନାଚ, ପଶୁମୁଖା ନାଚ, କଣ୍ଢେଇନାଚର ବିଷୟବସ୍ତୁ, ଆଖ୍ୟାନ, ଚରିତ୍ର, ଗୀତ ଓ ଧର୍ମୀୟ ଚିନ୍ତାଧାରା ଆଦି ବିଷୟରେ ସେମାନେ ଅବଗତ ହେବେ ।

• ଗ୍ରନ୍ଥ ସମ୍ପାଦନା ଓ ଅନୁବାଦ ସାହିତ୍ୟ ଆଲୋଚନା ଫଳରେ ପାଠ ନିର୍ଣ୍ଣୟ, ବ୍ୟାଖ୍ୟା ସହିତ ମୂଳ ଲେଖାର ଅନୁଭୂତି ସମ୍ପର୍କରେ ଜାଣିପାରିବେ ।

• ଆପଣାର ଆସ୍ଥା ଓ ପସନ୍ଦ ଭିତ୍ତିକ ବିଷୟ ଅଧ୍ୟୟନ ମାଧ୍ୟମରେ ଓଡ଼ିଆ ଭାଷା ସାହିତ୍ୟର ଛାତ୍ରଛାତ୍ରୀମାନେ ବିଶ୍ୱବିଦ୍ୟାଳୟର ବିଭିନ୍ନ ସ୍ନାତକୋତ୍ତର ବିଭାଗ ପକ୍ଷରୁ ଗ୍ରହଣ କରାଯାଇଥିବା ଅନ୍ୟାନବିଷୟ ମଧ୍ୟରୁ କୌଣସି ଏକ ନିର୍ଦ୍ଦିଷ୍ଟ ବିଭାଗର ପାଠ୍ୟକ୍ରମରେ ନିଜ ପସନ୍ଦ ମୁତାବକ ଅଧ୍ୟୟନ କରିବାର ସୁଯୋଗ ପାଇବେ । ବିଶ୍ୱବିଦ୍ୟାଳୟର ଅନ୍ୟାନ୍ୟ ସ୍ନାତକୋତ୍ତର ବିଭାଗର ବିଦ୍ୟାର୍ଥୀମାନେ ଓଡ଼ିଆ ସାହିତ୍ୟ ଓ ଆଞ୍ଚଳିକ ସାହିତ୍ୟର ଅଧ୍ୟୟନ କରିବା ବ୍ୟବସ୍ଥା ପାଠ୍ୟକ୍ରମରେ ରହିଥିବା ହେତୁ ଛାତ୍ରଛାତ୍ରୀମାନଙ୍କର ଜ୍ଞାନର ବିକାଶ ହୋଇପାରିବ ।

**ପାଠଦାନର ପୂର୍ବ ପ୍ରସ୍ତୁତି (Pre-Requisite)**

ପାଠଦାନ ନିମିତ୍ତ ନିମ୍ନଲିଖିତ ଦିଗ ପ୍ରତି ଗୁରୁତ୍ୱ ପ୍ରଦାନ କରିବା ବିଧେୟ

- ପାଠ୍ୟକ୍ରମ ଓ ପାଠ୍ୟଚର୍ଚ୍ଚା ପ୍ରସଙ୍ଗରେ ପ୍ରତିଶ୍ରୁତିବଦ୍ଧ ହେବା ।
- ନିର୍ଦ୍ଧାରିତ ସମୟ ମଧ୍ୟରେ ପାଠ୍ୟ ବିଷୟବସ୍ତୁର ପରିସମାପ୍ତି କରିବା ।
- ପାଠଦାନ ପ୍ରତି ସମ୍ବେଦନ ଓ ସଚେତନ ରହି ଛାତ୍ରଛାତ୍ରୀଙ୍କୁ ଏଥିପ୍ରତି ପ୍ରେରଣା ଜାତକରାଇବା ।
- ଶିକ୍ଷାଦାନ ସମୟରେ ବିଦ୍ୟାର୍ଥୀମାନଙ୍କର ବୋଧଶକ୍ତି/ଚିନ୍ତାଧାରାକୁ ଉଜ୍ଜୀବିତ କରିବା ପାଇଁ ବିଭିନ୍ନ କଳାକୌଶଳ ଅବଲମ୍ବନ କରିବା ।
- ପାଠଦାନ ଶେଷରେ ଛାତ୍ରଛାତ୍ରୀମାନେ ବିଷୟଟିକୁ କେତେଦୂର ହୃଦୟଙ୍ଗମ କଲେ, ତାହାକୁ ଜାଣିବାପାଇଁ ମୌଖିକ ପ୍ରଶ୍ନ ସହିତ ଲିଖିତ ପରୀକ୍ଷା କରିବା ।

**ଶିକ୍ଷାଦାନ ଯୋଜନା (Teaching Scheme)**

ଶ୍ରେଣୀ କକ୍ଷରେ ଶିକ୍ଷାଦାନର ସୁବ୍ୟବସ୍ଥା କିପରି ନିୟମିତ କାର୍ଯ୍ୟକାରୀ ହୋଇପାରିବ, ସେ ଦିଗରେ ପ୍ରାଥମିକ ଗୁରୁତ୍ୱ ପ୍ରଦାନ କରାଯିବା ବିଧେୟ ।

- ଶ୍ରେଣୀ ଗୃହର ଶିକ୍ଷାଦାନକୁ ସମୃଦ୍ଧ କରିବାପାଇଁ ବୈଦ୍ୟୁତିକ ଶୈକ୍ଷିକ ମାଧ୍ୟମ ପାୱାରପଏଣ୍ଟ, ହ୍ୟାଣ୍ଡଆଉଟ୍ ପ୍ରଭୃତି ଉପକରଣଗୁଡ଼ିକର ଉପଯୋଗ କରାଯାଏ ।
- ବିଦ୍ୟାର୍ଥୀମାନେ ବିଷୟଟିକୁ ପ୍ରତ୍ୟକ୍ଷଭାବେ ଅବଗତ ହେବା ପାଇଁ ଟ୍ୟୁଟୋରିଆଲ୍ କ୍ଲାସ ବ୍ୟବସ୍ଥା କରାଯାଇଥାଏ ।
- ବିଦ୍ୟାର୍ଥୀମାନଙ୍କ ବୋଧଶକ୍ତିକୁ ପରିଚାଳିତ କରିବା ପାଇଁ ମେଣ୍ଟର-ମେଣ୍ଟି ବ୍ୟବସ୍ଥା କରାଯାଏ ।
- ରାଜ୍ୟ ଓ ରାଜ୍ୟବାହାର ବିଷୟ ବିଶେଷଜ୍ଞମାନଙ୍କୁ ଆମନ୍ତ୍ରଣ କରାଯାଇ ଶିକ୍ଷାଦାନ କରିବା ଫଳରେ ବିଦ୍ୟାର୍ଥୀମାନଙ୍କର ବୋଧ/ଜ୍ଞାନ ଶକ୍ତିକୁ ପ୍ରସାରିତ କରିବା ପାଇଁ ସୁଯୋଗ ସୃଷ୍ଟି କରାଯାଇଥାଏ ।
- ଓଡ଼ିଆ ସାହିତ୍ୟର ସୁସ୍ପଷ୍ଟ ଆଲୋଚନା ସମାଲୋଚନା ନିମିତ୍ତ ସାପ୍ତାହିକ ପାଠଚକ୍ର ବ୍ୟବସ୍ଥା ରହିଛି ।

**ପାଠ୍ୟକ୍ରମର ନିଷ୍କର୍ଷ (Programme Outcome)**

- ଓଡ଼ିଆ ସାହିତ୍ୟର ବିଭିନ୍ନ ବିଭାଗ ସମ୍ପର୍କରେ ଜ୍ଞାତ ହେବେ ।
- ଓଡ଼ିଆ ସାହିତ୍ୟରେ ବୈଜ୍ଞାନିକ ଭିତ୍ତିରେ ଗବେଷଣା କରିବାର ସୁଯୋଗ ସୃଷ୍ଟି ହେବ ।

- ଓଡ଼ିଆ ଭାଷାସାହିତ୍ୟ ଅଧ୍ୟୟନରେ ପାରଦର୍ଶିତା ଅର୍ଜନ କରି ଆପଣା ଧୀ-ଶକ୍ତିର ସୁବିନିଯୋଗ ଫଳରେ ନେଟ୍ (NET), ଜେ.ଆର୍.ଏଫ୍ (JRF), ଏସ୍.ଏସ୍.ବି(SSB), ଓ.ପି.ଏସ୍.ସି. (OPSC), ପି.ଜି.ଟି.(PGT) ଭଳି ପ୍ରତିଯୋଗିତା ମୂଳକ ପରୀକ୍ଷାଗୁଡ଼ିକରେ କୃତକାର୍ଯ୍ୟ ହେବାପାଇଁ ଯୋଗ୍ୟ ହୋଇପାରିବେ ।
- ଅଣଓଡ଼ିଆମାନଙ୍କୁ ଓଡ଼ିଆ ଭାଷା ଶିକ୍ଷାଦାନ କ୍ଷେତ୍ରରେ ନିଜକୁ ନିୟୋଜିତ କରିପାରିବେ ।
- ଓଡ଼ିଆ ଭାଷାର ନିର୍ଭୁଲ ଉଚ୍ଚାରଣ ଓ ଶୁଦ୍ଧାଶୁଦ୍ଧ ନିର୍ଣ୍ଣୟ କରିବାରେ ସହାୟକ ହେବ ।

**[ଇଚ୍ଛାଭିତ୍ତିକ ସମ୍ମାନ ପଦ୍ଧତି ସ୍ଥାନାନ୍ତରଣ(Choice Based Credit Transfer) ପାଠ୍ୟକ୍ରମକୁ ୨୦ ଗୋଟି ପତ୍ର ଓ ଚାରିଗୋଟି ସେମିଷ୍ଟାରରେ ବିଭକ୍ତ କରାଯାଇଅଛି । ପ୍ରତ୍ୟେକ ସେମିଷ୍ଟାର ୫ ଗୋଟି ପତ୍ର ଏବଂ ୨୦ କ୍ରେଡ଼ିଟ । ପ୍ରତ୍ୟେକ ପତ୍ର ୧୦୦ ନମ୍ବର ବିଶିଷ୍ଟ ଏଥିରୁ ୮୦ ନମ୍ବର ପାଇଁ ୩ ଘଣ୍ଟା ସମୟ ଅବଧିର ବିଶ୍ୱବିଦ୍ୟାଳୟ ପରୀକ୍ଷା (End Semester) ଓ ୨୦ ନମ୍ବର ପାଇଁ ୧ ଘଣ୍ଟା ଅବଧିର ଆଭ୍ୟନ୍ତରୀଣ (Internal) ପରୀକ୍ଷା ପାଇଁ ଉଦ୍ଦିଷ୍ଟ ।]**

## ପ୍ରଥମ ସେମିଷ୍ଟାର (1st Semester)

**Paper Code: ODIA C 101 4Credit 100Marks**

**ଭାରତୀୟସାହିତ୍ୟ (Bharatiya Sahitya)**

**ପାଠ୍ୟକ୍ରମର ଲକ୍ଷ୍ୟ (Aim of the Course)**

ଭାରତୀୟ ସାହିତ୍ୟର ଚାରିଗୋଟି ପ୍ରାଚୀନ ସାହିତ୍ୟର ଧାରା ଯଥା; ସଂସ୍କୃତ, ପାଲି, ପ୍ରାକୃତ ଓ ଅପଭ୍ରଂଶ ସମ୍ବନ୍ଧରେ ଛାତ୍ରଛାତ୍ରୀମାନେ ସାମଗ୍ରିକ ଧାରଣା ଲାଭ କରିବେ ।

ୟୁନିଟ୍-୧:କୁମାର ସମ୍ଭବମ୍ (୫ମସର୍ଗ) -କାଳିଦାସ(Kumara Sambhabam-Panchama Sarga : Kalidas)

ୟୁନିଟ୍-୨:ପାଲି ଧମ୍ମପଦ-ଯମକ ବଗ୍ଗ(Pali Dhammapada- Jamaka Bagga)

ୟୁନିଟ୍-୩:କର୍ପୂରମଞ୍ଜରୀ-ରାଜଶେଖର(Karpuramanjari-Rajsekhar)

ୟୁନିଟ୍-୪:ଚର୍ଯ୍ୟାଗୀତିକା(CharyaGeetika):

(କ) କାହ୍ନୁପାଦ- ଡୋମ୍ବୀଚର୍ଯ୍ୟା, ବାଟଓଗାଳଚର୍ଯ୍ୟା, ଡୋମ୍ବୀହେରୁକଚର୍ଯ୍ୟା

(Kahnupada-DombiCharya, BataogaalaCharya, DombiherukaCharya)

(ଖ) ଲୁଇପାଦ -କାୟାତରୁଚର୍ଯ୍ୟା, ସହଜତତ୍ତ୍ୱଚର୍ଯ୍ୟା

(Luipada-KayataruCharya, SahajatatwaCharya)

**ନିଷ୍କର୍ଷ (Course Outcome)**

ପ୍ରାଚୀନ ଭାରତୀୟ ସାହିତ୍ୟ ସମ୍ପର୍କରେ ଛାତ୍ରଛାତ୍ରୀମାନଙ୍କୁ ଅବଗତ କରାଇବା ସହିତ ସାଂପ୍ରତିକ ଓ ପ୍ରାଚୀନ ସାହିତ୍ୟ ମଧ୍ୟରେ ରହିଥିବା ପ୍ରଭେଦ ଜଣାଇବା ଏହି ପତ୍ରର ଉଦ୍ଦେଶ୍ୟ ।

**Paper Code: ODIA C 102 4Credit 100Marks**

**ଭାରତୀୟ ସାହିତ୍ୟ ତତ୍ତ୍ୱ(Bharatiya SahityaTatwa)**

**ପାଠ୍ୟକ୍ରମର ଲକ୍ଷ୍ୟ (Aim of the Course)**

ଭାରତୀୟ ସାହିତ୍ୟ ତତ୍ତ୍ୱ ସମ୍ବନ୍ଧରେ ଏକ ସ୍ଥୂଳଧାରଣା ଦେବା ଏହି ପତ୍ର ପରିକଳ୍ପନାର ମୂଳ ଉଦ୍ଦେଶ୍ୟ ।

ୟୁନିଟ୍-୧:ରସତତ୍ତ୍ୱ(Rasatatwa)

ୟୁନିଟ୍-୨:ଧ୍ୱନି, ଔଚିତ୍ୟ(Dhwani, Ouchitya)

ୟୁନିଟ୍-୩:ରୀତି(Reeti)

ୟୁନିଟ୍-୪:ବକ୍ରୋକ୍ତି, ଅଳଙ୍କାର (Bakrokti,Alankara)

**ନିଷ୍କର୍ଷ (Course Outcome)**

ଭାରତୀୟ ସାହିତ୍ୟ ତତ୍ତ୍ୱ ଆଲୋଚନା କ୍ରମରେ ଆଳଙ୍କାରିକଗଣ ରୀତି, ଅଳଙ୍କାର, ବକ୍ରୋକ୍ତି, ଔଚିତ୍ୟ, ଧ୍ୱନି, ରସ ଆଦି ଆଲୋଚନା ପ୍ରସଙ୍ଗରେ କାବ୍ୟର ବିଷୟବସ୍ତୁ, ଚରିତ୍ର ଏବଂ ପ୍ରକୃତି ଚିତ୍ରଣକୁ କିପରି ଗୁରୁତ୍ୱ ଦେଇଛନ୍ତି ସେ ସମ୍ପର୍କରେ ଛାତ୍ରଛାତ୍ରୀ ଜାଣିପାରିବେ ।

**Paper Code: ODIA C 103 | 4 Credit | 100Marks**

**ପାଶ୍ଚାତ୍ୟ ସାହିତ୍ୟ ତତ୍ତ୍ୱ (Paschatya SahityaTatwa)**

**ପାଠ୍ୟକ୍ରମର ଲକ୍ଷ୍ୟ (Aim of the Course)**

ପାଶ୍ଚାତ୍ୟ ସାରସ୍ୱତ ସାହିତ୍ୟ ଜଗତରେ ଖ୍ୟାତିଲାଭ କରିଥିବା ଆରିଷ୍ଟୋଟଲ, ପ୍ଲାଟୋ, ହୋମର ଆଦି ଯୁଗଜନ୍ମାମାନଙ୍କ ଚିନ୍ତାର ମହନୀୟତା ବଳରେ କଳାସୃଷ୍ଟିରେ ପ୍ରକୃତିର ଭୂମିକା ପ୍ରକୃତିର କଳାନ୍ୱିତ ରୂପ, ଦାର୍ଶନିକ ଅନୁଚିନ୍ତନ ସହିତ ସୌନ୍ଦର୍ଯ୍ୟ ବୋଧର ସମନ୍ୱୟ ସମ୍ବନ୍ଧରେ ଧାରଣା ଦେବା ଏହି ପତ୍ରର ଲକ୍ଷ୍ୟ ।

ୟୁନିଟ୍-୧:ରୋମାଣ୍ଟିସିଜମ୍, କ୍ଲାସିସିଜିମ୍(Romanticism,Classicism)

ୟୁନିଟ୍-୨:ଚିତ୍ରକଳ୍ପବାଦ, ପ୍ରତୀକବାଦ(Chitrakalpabada Pratikabada)

ୟୁନିଟ୍-୩:ଅସ୍ତିତ୍ୱବାଦ(Astitwabada)

ୟୁନିଟ୍-୪:ମିଥ୍(Myth)

**ନିଷ୍କର୍ଷ (Course Outcome)**

ପାଶ୍ଚାତ୍ୟ ସାହିତ୍ୟ ତତ୍ତ୍ୱ ଅଧ୍ୟୟନ ଦ୍ୱାରା ଛାତ୍ରଛାତ୍ରୀମାନେ ରୋମାଣ୍ଟିସିଜିମ୍,କ୍ଲାସିସିଜିମ୍ ସମାଲୋଚନାର ସୂତ୍ର, ଭାଷାଭିତ୍ତିକ ସମୀକ୍ଷା, କଳାତ୍ମକ ସମାଲୋଚନା, ଅସ୍ତିତ୍ୱବାଦୀ ଦର୍ଶନ, ମିଥ୍ ଚେତନା ପରି ସମାଲୋଚନା କିପରି ବିକଶିତ ହୋଇଛି ସେ ସମ୍ବନ୍ଧରେ ଅବଗତ ହେବେ ।

**Paper Code: ODIA C 104 | 4 Credit | 100 Marks**

**ଭାଷାବିଜ୍ଞାନ(BhasaBijnan)**

**ପାଠ୍ୟକ୍ରମର ଲକ୍ଷ୍ୟ (Aim of the Course)**

ଓଡ଼ିଆ ଭାଷାକୁ ଜାଣିବାକୁ ହେଲେ ଭାଷା ସମ୍ପର୍କରେ ସାଧାରଣ ନିୟମ ଭିତ୍ତିକ ଜ୍ଞାନ ଅର୍ଜନ କରିବା ଏକାନ୍ତ ଆବଶ୍ୟକ, ତେଣୁ ଛାତ୍ରଛାତ୍ରୀମାନଙ୍କ ପାଇଁ ଏହା ଜ୍ଞାନର ଭଣ୍ଡାର ପରି କାର୍ଯ୍ୟ କରିବ ।

ୟୁନିଟ୍-୧:ଭାଷାର ସଂଜ୍ଞା ଓ ଶ୍ରେଣୀ ବିଭାଗ, ବାକଯନ୍ତ୍ର, ଧ୍ୱନି ଉଚ୍ଚାରଣ ଓ ଧ୍ୱନିର ବିଭାଗୀକରଣ

(Bhasara Sangya O Shrenee Bibhag,Bakjantra, Dwani Uccharan O Dwanira Bibhagi Karan)

ୟୁନିଟ୍-୨:ଓଡ଼ିଆ ଧ୍ୱନିର ବର୍ଗୀକରଣ(Odia Dwanira Bargikaran)

ୟୁନିଟ୍-୩:ଓଡ଼ିଆ ଧ୍ୱନି ପରିବର୍ତ୍ତନର ବିଭିନ୍ନ ଦିଗ ଓ ବିଭିନ୍ନ କାରଣ

(Odia Dwani Paribartanara Bibhinna Diga O Bibhinna Karana)

ୟୁନିଟ୍-୪:ଓଡ଼ିଆ ଶବ୍ଦର ବ୍ୟୁତ୍ପତ୍ତି(Odia Sabdara Byutpatti)

**ନିଷ୍କର୍ଷ (Course Outcome)**

ଭାଷା ପାରମ୍ପରିକ ବ୍ୟାକରଣଠାରୁ ନିଜର ସ୍ୱାତନ୍ତ୍ର୍ୟ ବଜାୟ ରଖି ଏହା ଧ୍ୱନିବିଜ୍ଞାନ, ଶବ୍ଦବିଜ୍ଞାନ, ରୂପବିଜ୍ଞାନ, ଅର୍ଥ ବିଜ୍ଞାନ ଆଦି ବିଭାଗରେ ନିଜର କାୟା ବିସ୍ତାର କରିଛି, ତାହା ଛାତ୍ରଛାତ୍ରୀ ଜାଣିବା ସହିତ ଭାଷା ପରିବର୍ତ୍ତନର ଉପାଦେୟତା, ପ୍ରୟୋଜନୀୟତା, ଧ୍ୱନି, ନିୟମ ଓ ଭାଷାବିଜ୍ଞାନ ଚର୍ଚ୍ଚାର ଇତିହାସ ସମ୍ବନ୍ଧରେ ଅବଗତ ହେବେ ।

**Paper Code: ODIAC105 | 4 Credit | 100 Marks**

**ପ୍ରାଚୀନ ଓଡ଼ିଆ ସାହିତ୍ୟ:ପୁରାଣ ଓ ଗଦ୍ୟ(Prachina Odia Sahitya Purana O Gadya)**

**ପାଠ୍ୟକ୍ରମର ଲକ୍ଷ୍ୟ (Aim of the Course)**

ପ୍ରାଚୀନ ସାହିତ୍ୟରେ ଧାର୍ମିକ ଆବେଦନ ଓ ଆଧ୍ୟାତ୍ମିକ ପରମ୍ପରା ବା ରୀତିନୀତିକୁ ନେଇ ପ୍ରାଚୀନ କବିକୁଳ ତାଙ୍କ ସାହିତ୍ୟର ମୁଖ୍ୟ ଆଧାର ଭାବେ ଗ୍ରହଣ କରିଥିଲେ, ତାହା ପ୍ରାଚୀନ ଓଡ଼ିଆ ସାହିତ୍ୟ ପୁରାଣ ଓ ଗଦ୍ୟସାହିତ୍ୟ ଅଧ୍ୟୟନରୁ ଛାତ୍ରଛାତ୍ରୀ ଅବଗତ ହେବେ ।

ୟୁନିଟ୍-୧ :ସାରଳା ମହାଭାରତ ମୂଷଳୀପର୍ବ (ସଂପୂର୍ଣ୍ଣ), ସଂ-ଆର୍ତ୍ତବଲ୍ଲଭ ମହାନ୍ତି

(Sarala Mahabharata Musali Parba(Sampurna),Ed.Artaballabh Mahanty)

ୟୁନିଟ୍-୨ : କୃଷ୍ଣସିଂହ ମହାଭାରତ (କଚ ଓ ଦେବଯାନୀ କଥାଠାରୁ ଯଯାତିଙ୍କ ସ୍ୱର୍ଗପ୍ରାପ୍ତି ପର୍ଯ୍ୟନ୍ତ)

Krusna Singha Mahabharat (Kacha O Debajani Kathatharu Jajatinka Swargaprapti Paryanta)

ୟୁନିଟ୍-୩: ଭାଗବତ (ଅବଧୂତ ଯଦୁରାଜା ସମ୍ବାଦ)- ଜଗନ୍ନାଥ ଦାସ

Bhagabata (Abadhuta Jadu Raja Sambada), Jagannath Das

ୟୁନିଟ୍-୪: ରୁଦ୍ରସୁଧାନିଧି, ସଂ-ଡ. କୃଷ୍ଣଚରଣ ସାହୁ (୧୯୮୨, ପୃଷ୍ଠା-୩୬ ପର୍ଯ୍ୟନ୍ତ)

Rudra Sudhanidhi,(Sam-Dr. K.C. Sahu, 1982, Upto 36 Pages)

**ନିଷ୍କର୍ଷ (Course Outcome)**

ଓଡ଼ିଆ କବିମାନେ ଇତିହାସ ଓ ପୁରାଣର ସମିଶ୍ରଣ ଓ ସମନ୍ୱୟର ରୂପରେଖ କିପରି ପ୍ରସ୍ତୁତ କରିଛନ୍ତି, ତାହା ଛାତ୍ରଛାତ୍ରୀ ଜାଣିବା ସହିତ ପ୍ରାଚୀନ ଗଦ୍ୟଗ୍ରନ୍ଥର ଭାଷାଶୈଳୀ ଓ ଲକ୍ଷଣ ସମ୍ପର୍କରେ ଧାରଣା ପାଇପାରିବେ ।

## ଦ୍ୱିତୀୟ ସେମିଷ୍ଟାର(2nd Semester)

**Paper Code: ODIA C 201 4 Credit 100Marks**

**ଆଧୁନିକ ଓଡ଼ିଆ ସାହିତ୍ୟ: ଆଦ୍ୟପର୍ବ-୧୯୪୭ ପର୍ଯ୍ୟନ୍ତ(Adhunika OdiaSahitya: Adyaparba- upto 1947)**

(ଉପନ୍ୟାସ, କ୍ଷୁଦ୍ରଗଳ୍ପ, କାବ୍ୟ, କବିତା, ପ୍ରବନ୍ଧ)

**ପାଠ୍ୟକ୍ରମର ଲକ୍ଷ୍ୟ (Aim of the Course)**

ଆଧୁନିକ ଓଡ଼ିଆ ସାହିତ୍ୟର ରୂପରେଖ ଜାଣିବା ସହିତ ପରମ୍ପରାକୁ କିପରି ଆଧୁନିକତା ସହିତ ତୁଳନା କରାଯାଇଛି, ସେ ସଂପର୍କରେ ଅବଗତ ହେବେ। ଏହା ସହିତ ମଣିଷର ଚିନ୍ତା, ଚେତନା, ସ୍ୱପ୍ନ, ପ୍ରତୀକ, ରୂପକଳ୍ପ ଆଚାରବିଚାର ପୋଷାକ ପରିଧେୟ ମଣିଷର ପୁରୁଷାନୁକ୍ରମେ ପରିବର୍ତ୍ତନ ହୋଇଥାଏ । ସେ ସମ୍ପର୍କରେ ଛାତ୍ରଛାତ୍ରୀମାନେ ସଚେତନ ହେବା, ଏହି ପାଠ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ।

ୟୁନିଟ୍-୧ : **ଉପନ୍ୟାସ(Upanyaasa)**ମାମୁ: ଫକୀରମୋହନ ସେନାପତି (Mamu : Fakir Mohan Senapati)

ୟୁନିଟ୍-୨: **କ୍ଷୁଦ୍ରଗଳ୍ପ(KhyudraGalpa)**

ରେବତୀ -ଫକୀରମୋହନ ସେନାପତି(Rebatee - Fakir Mohan Senapati)

ମାଂସର ବିଳାପ-କାଳିନ୍ଦୀଚରଣ ପାଣିଗ୍ରାହୀ (Mansara Bilapa -KalindiCharan Panigrahi)

ମାଗୁଣିର ଶଗଡ଼-ଗୋଦାବରୀଶ ମହାପାତ୍ର(Magunira Shagada-Godabarish Mahapatra)

ବୁଢାଶଙ୍ଖାରୀ -ଲକ୍ଷ୍ମୀକାନ୍ତ ମହାପାତ୍ର(BudhaShankhari-Lakshmikant Mahapatra)

କଳିଙ୍ଗଶିଳ୍ପୀ -ରାଜକିଶୋର ରାୟ(Kalinga Shilpi- Rajkishore Ray)

ଅନ୍ଧାରୁଆ-ସଚ୍ଚିଦାନନ୍ଦ ରାଉତରାୟ(Andharua–Sacchidananda Rautray)

ୟୁନିଟ୍-୩ : **କାବ୍ୟ(KABYA)** - ମହାଯାତ୍ରା(୫ମ ସର୍ଗ ପର୍ଯ୍ୟନ୍ତ):ରାଧାନାଥ ରାୟ

Mahajatra (Upto 5thSarga)-Radhanath Ray

**କିମ୍ବା(OR)**

**କବିତା(KABITA)**

ଋଷିପ୍ରାଣେ ଦେବାବତରଣ-ମଧୁସୂଦନ ରାଓ(Rushiprane Debabataran-Madhusudan Rao)

ମଧୁମୟ -ଗଙ୍ଗାଧର ମେହେର(Madhumaya-Gangadhar Meher)

କାକବାରତା-ନନ୍ଦକିଶୋର ବଳ(Kaka Barata-Nandakishore Bala)

କାଳିଜାଇ -ଗୋଦାବରୀଶ ମିଶ୍ର(Kalijai-Godabarish Mishra)

ମହାନଦୀରେ ଜ୍ୟୋତ୍ସ୍ନାବିହାର-ମାୟାଧର ମାନସିଂହ(Mahanadire Jyotsnabihar-Mayadhara Manasingh)

ଶେଫାଳି ପ୍ରତି-କୁନ୍ତଳାକୁମାରୀ ସାବତ(Shephalipratí-Kuntala Kumari Sabat)

ପ୍ରତିମାନାୟକ–ସଚ୍ଚି ରାଉତରାୟ(PratimaNayak-Sacchidananda Rautray)

ୟୁନିଟ୍-୪ : **ପ୍ରବନ୍ଧ (PRABANDHA)**

ଓଡ଼ିଆ ଜାତି କିଏ-ଗୋପବନ୍ଧୁ ଦାସ(Odia Jati Kie-Gopabandhu Das)

ଶିକ୍ଷା-ବିଶ୍ୱନାଥ କର(Shikhya-Biswanath Kar)

ମୋ ନିଶ-ନୀଳକଣ୍ଠ ଦାସ(Mo Nisha-Neelakantha Das)

ଭଲ ଓ ମନ୍ଦ-ବିପିନବିହାରୀ ରାୟ(Bhala o Manda-Bipin Bihari Ray)

ଅନୁତାପ -ରତ୍ନାକର ପତି(Anutapa–Ratnakar Pati)

**ନିଷ୍କର୍ଷ (Course Outcome)**

ଆଧୁନିକ ଓଡ଼ିଆ ସାହିତ୍ୟରେ ସ୍ଥାନିତ ହୋଇଥିବା ଭାଷା, ଶୈଳୀ, ସୌନ୍ଦର୍ଯ୍ୟବୋଧ, ମୃତ୍ୟୁଚେତନା, ସାର୍ବିକ ପରିବର୍ତ୍ତନ, ସାମାଜିକ କାରଣ, ବହୁମୁଖି, ସମାନତା, ଆଧାତ୍ମିକ ସ୍ୱତନ୍ତ୍ର୍ୟ, ମୂଲ୍ୟବୋଧର ପାରସ୍ପରିକ ସମ୍ପର୍କ ବିଷୟରେ ଛାତ୍ରଛାତ୍ରୀ ଜାଣିପାରିବେ ।

**Paper Code: ODIAC202 4 Credit 100Marks**

**ମଧ୍ୟଯୁଗୀୟ ଓଡ଼ିଆ ସାହିତ୍ୟ: କାବ୍ୟ ଓ ଗଦ୍ୟ(Madhyajugiya Odia Sahitya: Kabya O Gadya)**

**ପାଠ୍ୟକ୍ରମର ଲକ୍ଷ୍ୟ (Aim of the Course)**

ମଧ୍ୟଯୁଗୀୟ ଓଡ଼ିଆ କବିଙ୍କ କାବ୍ୟ ରଚନା କ୍ଷେତ୍ରରେ ସଂସ୍କୃତ ସାହିତ୍ୟର ଶାସ୍ତ୍ରୀୟ ନୀତିକୁ କିପରି ଅନୁସରଣ କରୁଥିଲେ, ସେସବୁ ସହ କାବ୍ୟର ପ୍ରକୃଷ୍ଟ ବନ୍ଧନ, ଛନ୍ଦବିନ୍ୟାସ ଓ ଗାନଯୋଗ୍ୟତା ସମ୍ବନ୍ଧରେ ବିଦ୍ୟାର୍ଥୀମାନଙ୍କୁ ଅବଗତ କରାଇବା ଏହି ପାଠ୍ୟକ୍ରମର ଉଦ୍ଦେଶ୍ୟ ।

ୟୁନିଟ୍-୧ : ରହସ୍ୟମଞ୍ଜରୀ (ପ୍ରଥମ ୦୪ଟି ଛାନ୍ଦ)-ଦେବଦୁର୍ଲ୍ଲଭ ଦାସ

(Rahasya Manjari (Pratham 04 Chhanda)-Debadurllabh Das)

ୟୁନିଟ୍-୨ : ଲାବଣ୍ୟବତୀ- ୦୧ ଓ ୦୬ ଛାନ୍ଦ:ଉପେନ୍ଦ୍ର ଭଞ୍ଜ(Labanyabatee- 01 & 06 Chhanda : Upendra Bhanja)

ୟୁନିଟ୍-୩ : କିଶୋରଚନ୍ଦ୍ରାନନ୍ଦ ଚମ୍ପୂ (‘କ’ ଗୀତଠାରୁ ‘ମ’ ଗୀତ ପର୍ଯ୍ୟନ୍ତ)- କବିସୂର୍ଯ୍ୟ ବଳଦେବ ରଥ

Kishore ChandranandaChampu( ‘Ka’tharu‘Ma’parjyant)- KabisuryaBaladeba Rath

ୟୁନିଟ୍-୪ : ଚତୁରବିନୋଦ (ନୀତିବିନୋଦ)- ବ୍ରଜନାଥ ବଡଜେନା

Chatura Binod(Neeti Binod) -Brajanatha Badajena

**ନିଷ୍କର୍ଷ (Course Outcome)**

ଏହି ସମୟର ସାହିତ୍ୟ ରଚନାର ଚମତ୍କାରିତା, ବର୍ଣ୍ଣନାଚାତୁରୀ, ନାୟକ ନାୟିକାମାନଙ୍କର ମାନସିକତା, କାମଶାସ୍ତ୍ରର ଶାସ୍ତ୍ରୀୟବିବେଚନା, ଅଳଙ୍କାର ସଂଯୋଜନା, ଶବ୍ଦପାଣ୍ଡିତ୍ୟ ଉପରେ କବିମାନେ ଯେଉଁ ଗୁରୁତ୍ୱ ଦେଉଥିଲେ ବିଦ୍ୟାର୍ଥୀମାନେ ତାହା ଜାଣିବାକୁ ପାଇବେ ।

**Paper Code: ODIAC203 4 Credit 100Marks**

**ଓଡ଼ିଆ ଲୋକସାହିତ୍ୟ(Odia LokaSahitya)**

**ପାଠ୍ୟକ୍ରମର ଲକ୍ଷ୍ୟ (Aim of the Course)**

ଓଡ଼ିଶାରେ ଲୋକସଂସ୍କୃତି ଗବେଷଣାର ବୈଜ୍ଞାନିକ ଅନୁଶୀଳନ କ୍ଷେତ୍ର ଅଧ୍ୟୟନର ବୈଜ୍ଞାନିକ ପ୍ରକ୍ରିୟା, ଲୋକମାନସ ସିଦ୍ଧାନ୍ତ, ସହିତ ଲୋକସାହିତ୍ୟ ଲିଖିତ ସାହିତ୍ୟର ଚେର, ତାକୁ ବିଦ୍ୟାର୍ଥୀମାନଙ୍କୁ ଅବଗତ କରାଇବା ସହିତ ଲୋକସାହିତ୍ୟ କିପରି ବଞ୍ଚିରହିବ ସେ ସମ୍ପର୍କରେ ଧାରଣା ଦେବା ଏହି ପତ୍ରର ମୁଖ୍ୟ ଉଦ୍ଦେଶ୍ୟ ।

ୟୁନିଟ୍- ୧ : ଓଡ଼ିଆ ଲୋକକଥାର ସ୍ୱରୂପ ଓ ପ୍ରକାରଭେଦ । (Odia Lokakathara Swarupa O Prakarabheda)

ୟୁନିଟ୍-୨ : ଓଡ଼ିଆ ଲୋକଗୀତର ସ୍ୱରୂପ ଓ ପ୍ରକାରଭେଦ । (Odia Lokageetara Swarupa O Prakarabheda)

ୟୁନିଟ୍-୩ : ଓଡ଼ିଆ ଲୋକନାଟକର ସ୍ୱରୂପ ଓ ପ୍ରକାରଭେଦ । (Odia LokaNatakara Swarupa O Prakarabhedaa)

ୟୁନିଟ୍-୪ : ଓଡ଼ିଆପ୍ରବାଦ, ପ୍ରବଚନ, ଢଗ, ପ୍ରହେଳିକା, ଓଷା-ବ୍ରତ। (Prabada, Prabachana, Dhaga, Prahelika, Osha-Brata)

**ନିଷ୍କର୍ଷ (Course Outcome)**

ଓଡ଼ିଆ ଲୋକସାହିତ୍ୟ ଅଧ୍ୟୟନ ଫଳରେ ଲୋକସଂସ୍କୃତିର ଐତିହାସିକ ବିଚାର, ସିଦ୍ଧାନ୍ତ, ସ୍ୱରୂପ, ତତ୍ତ୍ୱ, ସଂରଚନା, ପ୍ରକାର୍ଯ୍ୟ ସମ୍ବନ୍ଧରେ ବିଦ୍ୟାର୍ଥୀମାନେ ଜ୍ଞାନଲାଭ କରିପାରିବେ ।

**Paper Code: ODIA C 204 4 Credit 100 Marks**

### ଓଡ଼ିଆ ଭାଷାତତ୍ତ୍ୱ(Odia Bhasatatwa)

**ପାଠ୍ୟକ୍ରମର ଲକ୍ଷ୍ୟ (Aim of the Course)**

ଭାଷାତତ୍ତ୍ୱ ହେଉଛି ଭାଷା ସମ୍ପର୍କରେ ସବିଶେଷ, ବିସ୍ତୃତ ଓ ତାତ୍ତ୍ୱିକ ଜ୍ଞାନ ଏହା ସହିତ ବାଚିକ ଭାଷାର ଅଧ୍ୟୟନ ଭାଷାର ଅର୍ଥପରିବର୍ତ୍ତନ ଓ ଭାଷାବିଜ୍ଞାନୀମାନଙ୍କ ସମ୍ବନ୍ଧରେ ଛାତ୍ରଛାତ୍ରୀ ଅବଗତ ହେବେ ।

ୟୁନିଟ୍-୧ : ଓଡ଼ିଆ ଭାଷାର ଇତିହାସ (OdiaBhasaraItihasha)

ୟୁନିଟ୍-୨ : ଓଡ଼ିଆ ଭାଷା ଉପରେ ଦ୍ରାବିଡ, ଇଂରାଜୀ ଓ ଯାବନିକ ଭାଷାର ପ୍ରଭାବ
(Odia Bhasa Upare Dravid, English O Jabanika Bhasara Prabhaba)

ୟୁନିଟ୍-୩: ଓଡ଼ିଆ ଅର୍ଥପରିବର୍ତ୍ତନର ବିଭିନ୍ନ ଦିଗ ଓ କାରଣ(Odia Artha Paribartanara Bibhinn diga O Karana)

ୟୁନିଟ୍-୪:ଓଡ଼ିଆ ଭାଷାଚର୍ଚ୍ଚା-ଜନ୍ ବିମ୍ସ, ଗ୍ରୀୟର୍ସନ, ଗୋପୀନାଥ ନନ୍ଦଶର୍ମା, ନୀଳକଣ୍ଠ ଦାସ, କୁଞ୍ଜବିହାରୀ ତ୍ରିପାଠୀ, ଗୋଲୋକବିହାରୀ ଧଳ, ଗଗନେନ୍ଦ୍ରନାଥ ଦାଶ (Odia BhasaCharcha-John Beams, Grearson, Gopinatha Nanda Sarma, Neelakantha Das, Kunjabihari Tripathy, Goloka Bihari Dhal, Gaganendranatha Das)

**ନିଷ୍କର୍ଷ (Course Outcome)**

ବିଦ୍ୟାର୍ଥୀମାନେ ଭାଷା ନିର୍ମାଣ ପଦ୍ଧତିର ବିଶ୍ଳେଷଣ, ତାହାର ବର୍ଣ୍ଣନା, ଭାଷାର ଧ୍ୱନିପ୍ରକ୍ରିୟା, ଭାଷାର ବିଶ୍ଳେଷଣ ଜାତନିୟମ ଅର୍ଥ ପରିବର୍ତ୍ତନ ଭାଷାତତ୍ତ୍ୱ ଅଧ୍ୟୟନ ଦ୍ୱାରା ଜାଣିପାରିବେ ।

**Paper Code: ODIA C 205 4 Credit 100Marks**

### ଅଭିଧାନ ବିଜ୍ଞାନ(Abhidhan Bigyana)

**ପାଠ୍ୟକ୍ରମର ଲକ୍ଷ୍ୟ (Aim of the Course)**

କୋଷଗ୍ରନ୍ଥ ଅଧ୍ୟୟନରୁ ଭାଷାର ଶୁଦ୍ଧାଶୁଦ୍ଧ ନିର୍ଣ୍ଣୟ ଓଡ଼ିଆ ଭାଷାର ମୂଳଭିତ୍ତି, କଥିତ ଓ ଲିଖିତ ଶବ୍ଦଗୁଡ଼ିକର ଆକ୍ଷରିକ ଅର୍ଥ, ଭାଷା ବ୍ୟବହାର, ଭାଷା ଓ ଶବ୍ଦର ଇତିହାସ ସମ୍ବନ୍ଧରେ ବିଦ୍ୟାର୍ଥୀ ଜ୍ଞାନ ଆହରଣ କରିପାରିବେ ।

ୟୁନିଟ୍-୧ : କୋଷଗ୍ରନ୍ଥର ସଂଜ୍ଞା, ସ୍ୱରୂପ ଓ ପ୍ରକାରଭେଦ(Koshagranthara Sangya, Swarupa O Prakarabheda)

ୟୁନିଟ୍-୨ : ଭାରତରେ କୋଷଗ୍ରନ୍ଥ ରଚନାର ପରମ୍ପରା (Bharatare Koshagrantha Rachanara Parampara)

ୟୁନିଟ୍-୩ : କୋଷଗ୍ରନ୍ଥର ପ୍ରସ୍ତୁତିର ବୈଜ୍ଞାନିକଧା ରା(Koshagrantha Prastutira Baijnanika Dhara)

(ଶବ୍ଦାନୁଶୀଳନ, ଶବ୍ଦ ସଂଗ୍ରହ ପ୍ରଣାଳୀ, ଶବ୍ଦ ସୃଷ୍ଟି ପ୍ରକ୍ରିୟା, ଶବ୍ଦଗୁଡ଼ିକର ବର୍ଗୀକରଣ, ଶବ୍ଦଗୁଡ଼ିକର ପ୍ରାୟୋଗିକ ଦିଗ, ଶବ୍ଦର ମୂଳଉତ୍ସ ନିର୍ଣ୍ଣୟ)

(Shabdanushilana, Shabda Sangraha Pranali, Shabda Srusti Prakriya, Shabdara Bargikaran, Shabdara Prayogikadiga, Shabdara Mulautsanirnaya)

ୟୁନିଟ୍-୪ : ଓଡ଼ିଶାରେ

କୋଷଗ୍ରନ୍ଥ ରଚନାର ପରମ୍ପରା(Odishare Koshagrantha Rachanara Parampara)

**ନିଷ୍କର୍ଷ (Course Outcome)**

ସଂପ୍ରତି ବିଜ୍ଞାନ, ଆଇନ ବ୍ୟବସାୟ, ବାଣିଜ୍ୟ, ପ୍ରଶାସନ, ରାଜନୀତି, କଚେରି ଆଦି ସଙ୍ଗେ ଆମ୍ଭମାନଙ୍କର ଯେତିକି ଘନିଷ୍ଠତା ବଢ଼ୁଛି ସେତିକି ନୂଆନୂଆ ଶବ୍ଦ ଆମ ଭାଷାରେ ପ୍ରବେଶ କରୁଅଛି ପୁଣି ଶବ୍ଦର ପୁରାତନ, ଶବ୍ଦ ଓ ବାକ୍ୟାଂଶ ଜାତିବିଶେଷ ପ୍ରଚଳିତ ଶବ୍ଦ ସମ୍ବନ୍ଧରେ ଜ୍ଞାନଲାଭ କରିବେ ।

**Paper Code: ODIA V.A.C. 206 Non-Credit Grade Point**

### VALUE ADDED COURSE
### ସର୍ଜନଶୀଳ ସାହିତ୍ୟ (CREATIVE WRITINGS)

**Programme Duration**

The duration of value added course is 30 hours with a combination 18 hours (60%) of theory and 12 hours (40%) of practical. However, the combination of theory and practical shall be decided by the course teacher with the approval of the Head of the Department.

**ପାଠ୍ୟକ୍ରମର ଲକ୍ଷ୍ୟ (Aim of the Course)**

ସ୍ନାତକୋତ୍ତର ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କର ପାଠ୍ୟକ୍ରମ ବାହାରେ ସେମାନଙ୍କ ମଧ୍ୟରେ ସର୍ଜନାତ୍ମକ ଚେତନାର ଅଭିବୃଦ୍ଧି ଏହି ପାଠ୍ୟକ୍ରମର ଉଦ୍ଦେଶ୍ୟ । (Value-added courses are those courses designed to enhance the standard of the students beyond those levels specified in academic curriculum. In order to enhance employability of the students value added courses are included in the curriculum.Add-on programs allow students to supplement degree programs with shorter, practical and industry-focused certificate and diploma program

ୟୁନିଟ୍-୧ : ଗଳ୍ପ ଲିଖନ କଳା (GalpaLikhana Kala)

ୟୁନିଟ୍-୨ : କବିତା ଲିଖନ କଳା (KabitaLikhana Kala)

ୟୁନିଟ୍-୩ : ନାଟକ ଲିଖନ କଳା (NatakaLikhana Kala)

ୟୁନିଟ୍-୪ : ସମାଲୋଚନା ଲିଖନ କଳା (SamalochanaLikhana Kala)

**ନିଷ୍କର୍ଷ (Course Outcome)**

ସର୍ଜନଶୀଳ ସାହିତ୍ୟ ଅଧ୍ୟୟନ ଫଳରେ ଛାତ୍ରଛାତ୍ରୀମାନେ ଭବିଷ୍ୟତରେ ଏ ଦିଗରେ ପାରଦର୍ଶିତା ଲାଭ କରିବା ସହିତ ସେମାନେ ସଫଳ ସାହିତ୍ୟିକ ହେବାର ସମ୍ଭାବନା ସୃଷ୍ଟି ହୋଇପାରିବ ।

## ତୃତୀୟ ସେମିଷ୍ଟାର(3rd Semester)

**Paper Code: ODIA D 301 — 4 Credit — 100Marks**

**ପାଠଚକ୍ର ଓ ନିବନ୍ଧ ପ୍ରସ୍ତୁତି** (Seminar presentation and Preparation of Dissertation paper)

ପ୍ରସ୍ତୁତ **ନିବନ୍ଧ ପ୍ରସ୍ତୁତି** ବିଭାଗର ଶିକ୍ଷକଙ୍କ ପରାମର୍ଶ କ୍ରମେ ଆଞ୍ଚଳିକ ସାହିତ୍ୟ, ସଂସ୍କୃତି ଏବଂ ବ୍ୟକ୍ତିଭିତ୍ତିକ ହେବ । ଛାତ୍ରଛାତ୍ରୀମାନେ ବିଭାଗପକ୍ଷରୁ ଆୟୋଜିତ ଶ୍ରେଣୀ ପାଠଚକ୍ରରେ ଭାଗ ନେଇ ଏଥିନିମିତ୍ତ ଅନ୍ତତଃ ଗୋଟିଏ ପ୍ରବନ୍ଧ ଉପସ୍ଥାପିତ କରିବେ । ଉପସ୍ଥାପିତ ପ୍ରବନ୍ଧ ନିଜ ନିଜର **ନିବନ୍ଧ ପ୍ରସ୍ତୁତି** ଭିତ୍ତିରେ ହେବ । ଏହାକୁ ଆଭ୍ୟନ୍ତରୀଣ (Internal) ପରୀକ୍ଷାର ଏକ ଅଂଶ ଭାବରେ ଗ୍ରହଣ କରାଯିବ ଓ ଏଥିପାଇଁ ଛାତ୍ରଛାତ୍ରୀମାନଙ୍କୁ ପୂର୍ଣ୍ଣ ସଂଖ୍ୟା ୨୦ ନମ୍ବରରୁ ନମ୍ବର ଦିଆଯିବ । ବିଭାଗୀୟ ଶିକ୍ଷକମାନଙ୍କ ଦ୍ୱାରା ଶ୍ରେଣୀ ପାଠଚକ୍ରରେ ଉପସ୍ଥାପିତ ନିବନ୍ଧର ମୂଲ୍ୟାଙ୍କନ କରାଯିବ । ଅବଶିଷ୍ଟ ନମ୍ବର ଛାତ୍ରଛାତ୍ରୀମାନଙ୍କ ନିବନ୍ଧ ପ୍ରସ୍ତୁତି (Dissertation Paper) ପାଇଁ ଉଦ୍ଦିଷ୍ଟ ରହିବ । ଏହାର ପରୀକ୍ଷା ବିଶ୍ୱବିଦ୍ୟାଳୟ ନିୟମ ଅନୁସାରେ କରାଯିବ ।

ବିଭାଗର ଛାତ୍ରଛାତ୍ରୀଙ୍କ ସଂଖ୍ୟାନୁସାରେ ସମାନ ଭାବରେ ଶିକ୍ଷକଙ୍କ ମଧ୍ୟରେ **ନିବନ୍ଧ ପ୍ରସ୍ତୁତି** ପେପର ବଣ୍ଟନ କରାଯାଇ ଏହା ପ୍ରସ୍ତୁତ କରାଯିବ ।

**Paper Code: ODIAC302 — 4 Credit — 100Marks**

**ଆଦିବାସୀ ସାହିତ୍ୟ ଓ ସଂସ୍କୃତି (Adibasi Sahitya O Sanskruti)**

**ପାଠ୍ୟକ୍ରମର ଲକ୍ଷ୍ୟ (Aim of the Course)**

ଆଦିବାସୀ ସାହିତ୍ୟ ଓ ସଂସ୍କୃତିର ବିକାଶ ମୂଳରେ ହିଁ ନିହିତ ରହିଛି ମହନୀୟ ଉତ୍କଳୀୟ ସଂସ୍କୃତିର ବିକାଶ । ଏହି ସଂସ୍କୃତିର ଅଧ୍ୟୟନ ଓ ଅନୁଶୀଳନ ପାଇଁ ଆଦିବାସୀ ଭାଷା, ସାହିତ୍ୟ, ନୃତ୍ୟଗୀତ, ପର୍ବପର୍ବାଣି ଇତ୍ୟାଦି ସମ୍ବନ୍ଧରେ ବିଦ୍ୟାର୍ଥୀମାନେ ଜ୍ଞାନଅର୍ଜନ କରିପାରିବେ ।

ୟୁନିଟ୍-୧: ଓଡ଼ିଶାର ଆଦିବାସୀ ସଂସ୍କୃତିର ସ୍ୱରୂପ (Odishare Adibasi Sanskrutira Swarupa)

ୟୁନିଟ୍-୨: ଓଡ଼ିଶାର ଆଦିବାସୀମାନଙ୍କର ସାମାଜିକ ବିବର୍ତ୍ତନ (Odishare Adibasimanankara Samajika Bibartana)

ୟୁନିଟ୍-୩: ଆଦିବାସୀ ସାହିତ୍ୟର ବୈଚିତ୍ର୍ୟ(Adibasi Sahityara Baichitrya)

ୟୁନିଟ୍-୪: ଆଦିବାସୀ-ବିଶ୍ୱାସ(Adibasi-Bishwas)

**ନିଷ୍କର୍ଷ (Course Outcome)**

ଆଦିବାସୀ ସଂସ୍କୃତିର ଆଲୋଚନା କଲାବେଳେ ଏମାନଙ୍କର ଭାଷା, ଅର୍ଥନୀତି, ପାରମ୍ପରିକ ଆଚାର-ବ୍ୟବହାର, ପରିବେଷ୍ଟନୀ, ଧର୍ମବିଶ୍ୱାସ ଓ ଉପାସନା, ନୃତ୍ୟ, ସଙ୍ଗୀତ, ଚିତ୍ରକଳା, ମୌଖିକ ଓ ଲିଖିତ ସାହିତ୍ୟ ରାଜନୀତିକ ଅନୁଷ୍ଠାନ ଓ ବିଚାରଧାରା, ବିବାହ, ପରିବାର ଗଠନ, ଐକ୍ୟଭାବ ଓ ସାଂସ୍କୃତିକ ସାମାଜିକ ବିବର୍ତ୍ତନ ସମ୍ପର୍କରେ ଛାତ୍ରଛାତ୍ରୀ ଜାଣିପାରିବେ ।

**ସ୍ୱତନ୍ତ୍ରପତ୍ର(Special Paper)**

A student is allowed to opt. for any one group from following 3 groups.
ଛାତ୍ରଟିଏ ତୃତୀୟ ସେମିଷ୍ଟାରରେ ଯେଉଁ ସ୍ୱତନ୍ତ୍ର ପତ୍ର ନେଇଥିବ ଚତୁର୍ଥ ସେମିଷ୍ଟାରରେ ତାହାକୁ ସେହି ନିର୍ଦ୍ଦିଷ୍ଟ ସ୍ୱତନ୍ତ୍ରପତ୍ର ନେବାକୁ ହେବ ।

Group-A :ଲୋକସାହିତ୍ୟ(LokaSahitya)ODIA E 303 & ODIA E 304

Group-B :ମଧ୍ୟଯୁଗୀୟ ସାହିତ୍ୟ(MadhyajugiyaSahitya) ODIA E 305 & ODIA 306

Group-C :ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ସାହିତ୍ୟ(Swadhinata Parabarti Odia Sahitya) ODIA E 307 & ODIA 308

**ବିଭାଗ-କ (Group- A)**

**ଲୋକସାହିତ୍ୟ (LokaSahitya)**

**Paper Code: ODIA E 303 4 Credit 100Marks**

**ପାଠ୍ୟକ୍ରମର ଲକ୍ଷ୍ୟ (Aim of the Course)**

ଲୋକସାହିତ୍ୟକୁ ସ୍ୱତନ୍ତ୍ର ପତ୍ର ବା ଇଚ୍ଛାଧୀନ ପତ୍ରଭାବେ ଅଧ୍ୟୟନ କରୁଥିବା ବିଦ୍ୟାର୍ଥୀମାନେ ଲୋକସାହିତ୍ୟର ସଂଗ୍ରହ, ସମ୍ପାଦନା ଓ ତା'ର ଆଲୋଚନା କରିବା ସହିତ ଏହାରି ଭିତରେ ଗୋଟିଏ ସମାଜ ବା ତା'ର ଦେଶ-ରାଜ୍ୟ-ଜାତିର ଆତ୍ମା କିପରି ଲୁଚି ରହିଛି ତାହା ଜାଣିପାରିବେ ।

ୟୁନିଟ୍-୧:ଲୋକବିଦ୍ୟାର ସଂଜ୍ଞା ଓ ସ୍ୱରୂପ(Lokabidyara Sagyan O Swarupa)

ୟୁନିଟ୍-୨:ଲୋକବିଦ୍ୟା ଅଧ୍ୟୟନର ଇତିହାସ(Lokabidya Adhyayanara Itihasa)

ୟୁନିଟ୍-୩: ଲୋକବିଦ୍ୟା ଅଧ୍ୟୟନର ବିଭିନ୍ନ ବିଚାର ପଦ୍ଧତି(Lokabidya Adhyayana Bichara Paddhati)

ୟୁନିଟ୍-୪: ଓଡ଼ିଆ ଲୋକବିଶ୍ୱାସ ଓ ଲୋକାଚାର(Odia Loka Biswas O Lokachara)

**ନିଷ୍କର୍ଷ (Course Outcome)**

ଲୋକସାହିତ୍ୟ ଅଧ୍ୟୟନ ଦ୍ୱାରା ସାମାଜିକ ଚଳଣି, ପରମ୍ପରା, ବ୍ୟବହାର, ଧର୍ମଧାରା, ଜୀବନ ପ୍ରତି ଦୃଷ୍ଟିକୋଣ, ସୌନ୍ଦର୍ଯ୍ୟବୋଧ ଆଦି ସମ୍ପର୍କରେ ଆଭାସ ମିଳିବା ସହିତ ଏହାର ସୌରଭରେ ଆମେ ନିଜକୁ ଜାଣିବା ଓ ଚିହ୍ନିପାରିବା ।

**ଲୋକସାହିତ୍ୟ(LokaSahitya)**

**Paper Code: ODIA E 304 4 Credit 100Marks**

**ପାଠ୍ୟକ୍ରମର ଲକ୍ଷ୍ୟ (Aim of the Course)**

ଇଚ୍ଛାଧୀନ ବିଷୟର ଦ୍ୱିତୀୟ ପତ୍ର ଅଧ୍ୟୟନ କ୍ରମରେ ଲୋକକାହାଣୀ, ମୋଟିଫ୍ ତତ୍ତ୍ୱ, ଲୋକନାଟ ଓ ନାଚ ସ୍ଥାନ ପାଇଅଛି । ଲୋକ କାହାଣୀ ପ୍ରାଦେଶିକ ସାହିତ୍ୟରେ ପ୍ରସାରଲାଭ କରି ସ୍ଥାନ, କାଳ ଓ କଥକର ରୁଚି ଅନୁସାରେ କିପରି ଭିନ୍ନ ଭିନ୍ନ ଆକାର ଧାରଣ କରିଅଛି ତାହା ବିଦ୍ୟାର୍ଥୀମାନେ ଅବଗତ ହେବା ସହିତ ଜାତୀୟ ଐକ୍ୟ, ପରମ୍ପରା ସଂରକ୍ଷଣରେ ଲୋକସାହିତ୍ୟ କିପରି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ତାହା ଜାଣିପାରିବେ ।

ୟୁନିଟ୍ -୧: ଲୋକକଥାର ସଂଜ୍ଞା ଓ ସ୍ୱରୂପ(Lokakathara Sagyan O Swarupa)

ୟୁନିଟ୍ -୨: ମୋଟିଫ୍ ଓ ଟାଇପ୍ ତତ୍ତ୍ୱ(Motif O Type Tatwa)

ୟୁନିଟ୍ -୩:ଓଡ଼ିଆ ଲୋକନାଟକ ଓ ଲୋକନୃତ୍ୟ(Odia LokaNataka O LokaNrutya)

ୟୁନିଟ୍ -୪: ଓଡ଼ିଆ ଲୋକକଥାର ସାମାଜିକ ଓ ସାହିତ୍ୟିକ ଦିଗ
(Odia Lokakathara Samajika O Sahityika Diga)

**ନିଷ୍କର୍ଷ (Course Outcome)**

କାହାଣୀର ମୂଳତତ୍ତ୍ୱ ହେଉଛି କଥାଭିପ୍ରାୟ। ଲୋକକଥାରେ ପରମ୍ପରାଗତ, ସାଂସ୍କୃତିକ, ମନୋବୈଜ୍ଞାନିକ ଏବଂ ନୈତିକ ରୂପ ପରିଲକ୍ଷିତ ହୋଇଥାଏ । ପୁଣି ଲୋକନାଟ ଓ ନାଚରେ ଲୋକଜୀବନ ଶୈଳୀ ସଭ୍ୟତା, ପରମ୍ପରା, ନୈସର୍ଗିକ ଆହ୍ଲାଦ, କିପରି ଚିତ୍ରିତ ହୋଇଥାଏ ଛାତ୍ରଛାତ୍ରୀ ତାହା ଜାଣିବାକୁ ପାଇବେ ।

**ବିଭାଗ -ଖ (Group-B)**

**ମଧ୍ୟଯୁଗୀୟ ସାହିତ୍ୟ(ପ୍ରାକ୍-ଉପେନ୍ଦ୍ର ଓଡ଼ିଆ ସାହିତ୍ୟ) (Madyajugiya Sahitya- Prak-Upendra Odia Sahitya)**

**Paper Code: ODIA E 305 4 Credit 100Marks**

**ପାଠ୍ୟକ୍ରମର ଲକ୍ଷ୍ୟ (Aim of the Course)**

ମଧ୍ୟଯୁଗୀୟ ଓଡ଼ିଆ ସାହିତ୍ୟରୁ ସ୍ୱତନ୍ତ୍ର ପତ୍ରରୂପେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀମାନେ ଏ ଯୁଗରେ ରଚିତ ହୋଇଥିବା ପୌରାଣିକ କାବ୍ୟ, କାଳ୍ପନିକ କାବ୍ୟଗୁଡ଼ିକରେ ପୁରାଣ ଯୁଗର ଅନୁସରଣ, ପୌରାଣିକ ଆଦର୍ଶାବଳୀର ଅନୁଶୀଳନ କିପରି କରାଯାଇଛି ତାହା ଜାଣିବାକୁ ପାଇବେ।

ୟୁନିଟ୍ -୧: ମଧ୍ୟଯୁଗୀୟ ଓଡ଼ିଆ ସାହିତ୍ୟ : ସାମାଜିକ, ରାଜନୀତିକ ଓ ସାଂସ୍କୃତିକ ପୃଷ୍ଠଭୂମି

(Madhya Jugiya Odia Sahitya -Samajika, Rajaneetika o Sanskrutika Prusthabhumi)

ୟୁନିଟ୍ -୨: ଓଡ଼ିଆ କାଳ୍ପନିକ କାବ୍ୟ(Odia Kalpanika Kabya)

ୟୁନିଟ୍-୩: ଓଡ଼ିଆ ପୌରାଣିକ କାବ୍ୟ(Odia Pauranika Kabya)

ୟୁନିଟ୍ -୪: ପ୍ରାକ୍ -ଉପେନ୍ଦ୍ର ଓଡ଼ିଆ କାବ୍ୟ : ଆଙ୍ଗିକ ଓ ଆତ୍ମିକ ଦିଗ

(Prak-Upendra Odia Kabya – Angika O Atmika Diga)

**ନିଷ୍କର୍ଷ (Course Outcome)**

